## ୧୦୧ ଏକର ଜମିର ଗଞ୍ଜେଇ ଗଛ ନଷ୍ଟ

ଆର୍.ଉଦୟଗିରି,(ଡି.ଏନ୍.ଏ.): ଗଜପତି ଜିଲା ଅଡବା ଥାନା ଅନ୍ତରବା ପଞ୍ଚାୟତ ଅଞ୍ଚଳର ରେନୁ ଗ୍ରାମ ଜଙ୍ଗଲରୁ ୧୦୧.୩୧ ଏକର ଜମିରେ ଲଗାଯାଇଥିବା ଗଞ୍ଜେଇ ଗଛକୁ ରବିବାର ନଷ୍ଟ କରାଯାଇଛି। ଆର. ଉଦୟଗିରି ଏସ୍‌ଡିପିଓ ଦିଲୀପ କୁମାର ନାୟକ, ପ୍ରକାଶ ସାହୁ, ଅଡ଼ବା ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ଅବକାରୀ ସିଆଇ ବିଙ୍ଗରାଜ ଦାମି, ସ୍ଥାନୀୟ ବନ ବିଭାଗ, ରାଜସ୍ୱ ବିଭାଗ, ଅବକାରୀ ଓ ପୋଲିସ ବିଭାଗ କର୍ମଚାରୀ ମିଳିତ ଭାବେ ଗଞ୍ଜେଇ ଗଛକୁ କାଟି ନଷ୍ଟ କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ମୋହନା ତହସିଲଦାର ଉପସ୍ଥିତ ଥିଲେ। ଏ ନେଇ ଅଡବା ଥାନାରେ ନଂ.୧୨୭/୨୧ରେ ମାମଲା ରୁଜୁ କରାଯାଇଛି।

**ସଂକ୍ଷେପରେ**

### ହିଞ୍ଜିଳିକାଟୁରେ ସାଧାରଣ ଅଧିବେଶନ

ହିଞ୍ଜିଳିକାଟୁ,୨୨।୧୧(ଡି.ଏନ.ଏ.) ଭାଗବତ କଥା ବିତରଣ ପରିଷଦ ଟ୍ରଷ୍ଟର ଏକ ସାଧାରଣ ଅଧିବେଶନ ରବିବାର ହିଞ୍ଜିଳିକାଟୁ ପାଟଣା ସାହି ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଦେବାନନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ଡିସେମ୍ବରରେ ୬ଷ୍ଠ ଶ୍ରେଣୀରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମେଧା ପ୍ରତିଯୋଗିତା, ୪ ମାସକୁ ଥରେ ଦେଶାତ୍ମବୋଧ ଓ ଆଧାତ୍ମିକ ବିଷୟରେ ଜନ ଜାଗରଣ ସୃଷ୍ଟି କରିବା, ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଗରିବ ପରିବାରକୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଆଦି ନେଇ ଆଲୋଚନା ହୋଇଥିଲା। ବୈଠକରେ ଉପ ସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡା, ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ, ସମ୍ପାଦକ ତରୁଣ ପଣ୍ଡା, ଅରବିନ୍ଦ ପଣ୍ଡା, ହରିହର ଚୌଧୁରୀ, ପ୍ରଭାସିନୀ ପାଣିଗ୍ରାହୀ, ଶକୁନ୍ତଳା ସାହୁ, ବ୍ଲକ ଅଧକ୍ଷ ଏନ. ରଘୁନାଥ, ପୂର୍ବତନ ଉପନଗରପାଳ ପବିତ୍ର ପାଣିଗ୍ରାହୀ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

### ବିଧାୟକଙ୍କ ଉନ୍ନୟନ କାର୍ଯ୍ୟ ଉଦ୍‌ଘାଟନ

ପୋଲସରା,୨୨।୧୧(ଡି.ଏନ.ଏ.)- ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ସୋମବାର ସ୍ଥାନୀୟ ବ୍ଲକର କିଛି ପଞ୍ଚାୟତକୁ ମାରାଥନ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ଜା.ଡେଙ୍ଗାପଦର ପଞ୍ଚାୟତର ମର୍ଦ୍ଦରାଜପୁର ଅଙ୍ଗନୱାଡ଼ି କେନ୍ଦ୍ର, ବଜାର ଗୃହ, ଜେ.ଡେଙ୍ଗାପଦର ଗ୍ରାମରେ ଗୋପୀନାଥ ଗ୍ରାମ୍ୟ ପାର୍କ, ଅଙ୍ଗନୱାଡି କେନ୍ଦ୍ର ପ୍ରମୁଖ ଲୋକାଭିମୁଖୀ କାର୍ଯ୍ୟର ଲୋକାର୍ପଣ ହୋଇଥିଲା। ଏହି ଅବସରରେ ବିଜେଡିର ସାଙ୍ଗଠନିକ ସ୍ଥିତିକୁ ମଜଭୁତ କରିବା ପାଇଁ ବିଧାୟକ ଆହ୍ୱାନ ଦେଇଥିଲେ। ଏହା ସହିତ ଜକର ଓ ବନ୍ଥପଲ୍ଲୀ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷା ସଂଯୁକ୍ତା ବାଡତ୍ୟା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ସମ୍ପାଦକ ଅଶୋକ କୁମାର ବିଷୋୟୀ, କୃଷ୍ଣଚନ୍ଦ୍ର ଜେନା, ସୁକାନ୍ତ ଭୂୟାଁ, ସୁଶାନ୍ତ ମଲିକ, ପବିତ୍ର ରାଉତ, ବିକ୍ରମ ନାୟକଙ୍କ ସମେତ ସମସ୍ତ ଜନପ୍ରତିନିଧି ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ପୋଲିସ, ପ୍ରଶାସନର ମିଳିତ ବୈଠକ

ଶେରଗଡ଼,୨୨।୧୧(ଡି.ଏନ୍.ଏ.)ଶେରଗଡ଼ ବ୍ଲକ ପଞ୍ଚାୟତ ନିର୍ବାଚନ ତାଲିକା ପ୍ରକାଶ ପାଇବା ପରେ ଭୋଟର ତାଲିକା ପ୍ରକ୍ରିୟା ଜାରି ରହିଛି। ସେହି ପରିପ୍ରେକ୍ଷୀରେ ସ୍ଥାନୀୟ ବ୍ଲକଠାରେ ସୋମବାର ପୋଲିସ, ତହସିଲ ଓ ବ୍ଲକ ପ୍ରଶାସନର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶମ୍ଭୁନାଥ ନନ୍ଦି ଅଧକ୍ଷତା କରିଥିଲେ। ବୈଠକରେ ତହସିଲଦାର ଡ.ଦୟାସିନ୍ଧୁ ପରିଡା, ଉପଖଣ୍ଡ ପୋଲିସ ଅଧିକାରୀ ଉମାଶଙ୍କର ସିଂ, ଥାନାଧିକାରୀ ମମତା କୁମାରୀ ସାମନ୍ତରାୟ ଯୋଗଦେଇ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ପରିଚାଳନା କରିବା ନେଇ ମତ ପ୍ରକାଶ କରିଥିଲେ।

### କବି ସତ୍ୟନାରାୟଣଙ୍କ ବିୟୋଗରେ ଶୋକସଭା

ପାରଳାଖେମୁଣ୍ଡି,୨୨।୧୧(ଡି.ଏନ୍.ଏ.) ପାରଳାଖେମୁଣ୍ଡି ନାଗାରମ ପଲ୍ଲୀ ସାହି ବାସିନ୍ଦା ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ସେବା ନିବୃତ୍ତ ଆଦର୍ଶ ଶିକ୍ଷକ ସତ୍ୟନାରାୟଣ ମହାନ୍ତି (୮୯)ଙ୍କ ସୋମବାର ଦେହାନ୍ତ ହୋଇଛି। ଏ ନେଇ ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ସମ୍ପାଦକ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସ୍ମୃତି ସଭା ଅନୁଷ୍ଠିତ ହୋଇଛି। ଆଶାଲତା ପାଣିଗ୍ରାହୀ, ଭାରତ ଭୂଷଣ ମହାନ୍ତି, ଜଗଦୀଶ ପ୍ରସାଦ ମହାପାତ୍ର, ହରିମୋହନ ପଟ୍ଟନାୟକ, ସୁରେଶ ଦାଶ, ପ୍ରତାପ ଦାଶ, ବି.ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ କବି ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ।

### ରାମାୟଣ ନାଟକ ଉଦ୍‌ଘାଟନ କଲେ ବିଧାୟିକା

କବିସୂର୍ଯ୍ୟନଗର,୨୨।୧୧(ଡି.ଏନ.ଏ.) କବିସୂର୍ଯ୍ୟନଗର ଆମ୍ବିଲାପଲ୍ଲୀଠାରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ପୌରାଣିକ ନାଟକ ରାମାୟଣକୁ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ରବିବାର ଉଦ୍‌ଘାଟନ କରିଛନ୍ତି। ସୋମବାର ଅପରାହ୍ନରେ ନାଟକ ଉଦ୍‌ଯାପିତ ହୋଇଥିଲା। ବହୁ ଦୂରଦୂରାନ୍ତରୁ ଏହି ନାଟକ ଦେଖିବାକୁ ଲୋକଙ୍କ ସୁଅ ଛୁଟିଥିଲା। ବିଧାୟିକାଙ୍କ ସମେତ ପାଣ୍ଡିଆର ପ୍ରାକ୍ତନ ଜିଲା ପରିଷଦ ପି. କୃଷ୍ଣମୂର୍ତ୍ତି, ସାମାଜିକ କର୍ମୀ ଗୋପାଳ ପଣ୍ଡା, ଜିଲା ବିଜେଡି ଉପସଭାପତି ମନୋରଞ୍ଜନ ମହାପାତ୍ର, ଛାତ୍ର ବିଜେଡି ସଭାପତି ବିକ୍ରାନ୍ତ କୁମାର ସାହୁ, ମହାମାୟୀ ମନ୍ଦିର ଟ୍ରଷ୍ଟ ସଭାପତି ବିଜୟ କୁମର କହଁର, ରସଲ ଦାସ, ରାଜେନ୍ଦ୍ର ଖଟେଇ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଦୁର୍ଘଟଣାପ୍ରବଣ ସ୍ଥାନରେ ଦିଆଯିବ ପ୍ରଶିକ୍ଷଣ

## ରକ୍ଷକର ସଫଳ ରୂପାୟନକୁ ଗୁରୁତ୍ୱ

ଛତ୍ରପୁର,୨୨।୧୧(ଡି.ଏନ୍.ଏ.)

ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଗତ ୧୧ ତାରିଖରୁ ଆରମ୍ଭ କରାଯାଇଥିବା 'ରକ୍ଷକ' କାର୍ଯ୍ୟକ୍ରମର ସଫଳ ରୂପାୟନ ହେଲେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମିବ। ଏହି ଆଧାରରେ ରାଜ୍ୟର ୩୦୦ ପ୍ରଶିକ୍ଷକ ୩୦ ଜିଲ୍ଲାରେ ୩୦ ସପ୍ତାହ ପାଇଁ ତାଲିମ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ସଫଳ ହୋଇଛି। ଛତ୍ରପୁରସ୍ଥିତ ବିଜ୍ଞାନ କଲେଜ ପରିସରରେ ଜିଲା ପରିବହନ ବିଭାଗ ଦ୍ୱାରା ପରିଚାଳିତ ପ୍ରଶିକ୍ଷଣର ଶେଷ ଦିବସରେ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ନିଜ ବକ୍ତବ୍ୟରେ ୩ଟି 'ସି' (କଲ୍, କେୟାର ଓ କ୍ଲିୟର) ସମ୍ପର୍କରେ କହିଥିଲେ। ଦୁର୍ଘଟଣା ସ୍ଥଳରେ ଥିବା ସାଧାରଣ ବ୍ୟକ୍ତି ପ୍ରଥମେ କିପରି ଆହତଙ୍କୁ ଚିକିତ୍ସା ପ୍ରଦାନ କରିବେ ସେ ସମ୍ପର୍କରେ ଜ୍ଞାନ ଆହରଣ କରିବା ଜରୁରୀ। ଏଥିସହିତ ସୂଚନା ପ୍ରଦାନ ଏବଂ ପ୍ରାଥମିକ ଚିକିତ୍ସା ସହ ଚିକିତ୍ସାଳୟକୁ ସ୍ଥାନାନ୍ତର ଦିଗରେ କେଉଁସବୁ ପଦକ୍ଷେପ ଗ୍ରହଣ କରିବା ଜରୁରୀ ତାହା ବୁଝାଇଥିଲେ। ଛତ୍ରପୁର ଉପଖଣ୍ଡ ପୋଲିସ ଅଧିକାରୀ ଗୌତମ କିଷାନ, ବାଣିଜ୍ୟ ପରିବହନ ବିଭାଗୀୟ ଯୁଗ୍ମ କମିଶନର ଧନଞ୍ଜୟ ସେନାପତି, ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚନ୍ଦ୍ର ଚୌଧୁରୀ ପ୍ରମୁଖ ସମ୍ମାନିତ ରୂପେ ଯୋଗଦେଇ ମାଷ୍ଟର ଟ୍ରେନରମାନଙ୍କ କାର୍ଯ୍ୟ ଯୋଗୁ ଜନଜୀବନ ସୁରକ୍ଷା ଦିଗରେ ସେମାନଙ୍କ ଭୂମିକା ସମ୍ପର୍କରେ ଜଣାଇଥିଲେ । ଜିଲାରେ ୧୫ଟି ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରାଯାଇଛି। ଉକ୍ତ ସ୍ଥାନ ନିକଟ ଅଞ୍ଚଳବାସୀ ଏବଂ ଦୋକାନୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେମାନେ କିପରି ଦୁର୍ଘଟଣାସ୍ଥଳରେ ପହଞ୍ଚି ଜୀବନ ରକ୍ଷାକାରୀ ସାଜିବେ ତାହା ପ୍ରଶିକ୍ଷଣ ଦିଆଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଚୌଧୁରୀ ସୂଚନା ଦେଇଥିଲେ। ଅତିଥିମାନେ ସମସ୍ତ ମାଷ୍ଟର ଟ୍ରେନରଙ୍କୁ ପ୍ରମାଣପତ୍ର ଓ କିଟ ପ୍ରଦାନ କରିଥିଲେ। ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ କିଶୋର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପରିଚାଳନା କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ, ମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ



ଯୁବ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଉଛି।

ଫୁଲବାଣୀ ଅଫିସ, ୨୨।୧୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଶୁଭାରମ୍ଭ କରିବାକୁ ସୋମବାର ଫୁଲବାଣୀ ଆସିଥିଲେ। ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ କନ୍ଧମାଳ ଜିଲା ଭାଜପା ଏବଂ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ମମିତା ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି ସହ ଜିଲାକୁ ଆସିଥିବା ମନ୍ତ୍ରୀମାନଙ୍କୁ କଳାପତାକା ପ୍ରଦର୍ଶନ କରାଯାଇଛି । କଂଗ୍ରେସ ପକ୍ଷରୁ ଜିଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀଙ୍କ ନେତୃତ୍ୱରେ ସ୍ଥାନୀୟ ନାରାୟଣୀ ଛକ ପାଖରେ କଳା ପତାକା ପ୍ରଦର୍ଶନ କରାଯାଇଥିଲା। ଦଳୀୟ ନେତା ଏବଂ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିଥିଲେ । ପୋଲିସ ପହଞ୍ଚି ସେମାନଙ୍କୁ ଅଟକ ରଖିଥିଲା । ସେହିପରି ମାଦିକୁନ୍ଦା ଛକ ପାଖରେ ଭାଜପା ପକ୍ଷରୁ ମଧ୍ୟ ଅନୁରୂପ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଗୋ–ବ୍ୟାକ୍ ନାରାବାଜି କରି କଳାପତାକା ପ୍ରଦର୍ଶନ କରାଯାଇଥିଲା। ପୋଲିସ ଭାଜପା ନେତା ଏବଂ କର୍ମୀଙ୍କୁ ଅଟକ ରଖିଥିଲା ।

# ଜରିମାନା ଆଦାୟକୁ ନେଇ ଉତ୍ତେଜନା

ଗଞ୍ଜାମ,୨୨।୧୧(ଡି.ଏନ.ଏ.)

ଏନ୍‌ଏସି ନିର୍ବାହୀ ଅଧିକାରୀ (ଇଓ) ରୋହିତ କୁମାରଙ୍କ ନେତୃତ୍ୱରେ ବଜାରରେ ପଲିଥିନ ବ୍ୟବହାର କରୁଥିବା ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ବଡ଼ ବଜାରଠାରେ ଏକ କଂସା ବାସନ ଦୋକାନ ଆଗରେ ଗୁଟଖା ଜରି ପଡ଼ିଥିବା ଦେଖି ଉକ୍ତ ଦୋକାନୀଙ୍କୁ ୨୦୦ ଟଙ୍କା ଜରିମାନା ବାନ୍ଧିବାକୁ ଇଓ କହିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବର୍ଷା ହେଲେ ଦୋକାନ ସାମ୍ନାରେ ଆଣ୍ଠୁଏ ପାଣି ରହୁଛି, ଏନ୍‌ଏସି ପ୍ରଶାସନକୁ ଅବଗତ କରାଇଲେ ମଧ୍ୟ କର୍ଣ୍ଣପାତ କରୁନି କହି ବ୍ୟବସାୟୀମାନେ ହୋହାଲ୍ଲା କରିଥିଲେ। କିଛି ସମୟ ପାଇଁ ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜରିମାନା ଜମା ଦେବୁ ନାହିଁ ବୋଲି ଜିଦ ଧରିଥିଲେ। ଗଞ୍ଜାମ ଏସ୍‌ଆଇ ଅଜିତ କୁମାର ପରିଡା ପହଞ୍ଚି ଉତ୍ତ୍ୟକ୍ତ ବ୍ୟବସାୟୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତି ପଡିଥିଲା। କେହି ଜରିମାନା ନ ଦେବାରୁ ଏନଏସି କର୍ମଚାରୀ ଫେରିବାକୁ ବାଧ ହୋଇଥିଲେ। ଚଢ଼ାଉ ବେଳେ ଏନ୍‌ଏସି କର୍ମଚାରୀ ବିପିନ ଚନ୍ଦ୍ର ବାରିକି, ମିଳନ ମୋହନ ମୁର୍ମୁ, ହରି ବିଶ୍ୱାଳ, ଲକ୍ଷ୍ମୀ ପାଢ଼ୀ, କୃଷ୍ଣ ବଦ୍ୟ, କାମନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ଜବତ, ଜଣେ ଗିରଫ

ଖଲ୍ଲିକୋଟ,୨୨।୧୧(ଡି.ଏନ.ଏ.)

ଖଲ୍ଲିକୋଟ ପୋଲିସ ସୋମବାର ନିର୍ମଳଝରଠାରେ ୩ଶହ ଲିଟର ଚୋରା ଦେଶୀ ମଦ, ଗୋଟିଏ କାର୍ ଜବତ କରିବା ସହ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ କୋଦଳା ଥାନା ଅଞ୍ଚଳର ପ୍ରସାଦ ନାହାକ। ଗୁହାରିଆପାଟ ଅଞ୍ଚଳରୁ କୋଦଳା ଅଭିମୁଖେ ଏକ କାର୍ ଯୋଗେ ଚୋରା ମଦ ଚାଲାଣ ହେଉଥିବା ଖବର ପାଇ ଖଲ୍ଲିକୋଟ ପୋଲିସ ନିର୍ମଳଝରଠାରେ ପହଞ୍ଚି କାର୍‌କୁ ଜବତ କରିଥିଲା।

# ପ୍ରାଥମିକ ସମବାୟ ସମିତି କର୍ମଚାରୀଙ୍କ ଧାରଣା

ଆସିକା,୨୨।୧୧(ଡି.ଏନ୍.ଏ.)



ଧାରଣାରେ ବସିଥିବା ସମବାୟ ସମିତିର କର୍ମଚାରୀମାନେ।

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀମାନେ ସୋମବାର ବ୍ୟାଙ୍କ ପରିସରରେ ଧାରଣାରେ ବସିଥିଲେ। ସମବାୟ ସମିତି କର୍ମଚାରୀଙ୍କୁ ସମିତିର କାର୍ଯ୍ୟନିର୍ବାହୀ ପଦବୀରେ ନିଯୁକ୍ତି ସମେତ ୫ ଦଫା ଦାବି ନେଇ ଏହି ଧାରଣା ଦିଆଯାଇଥିଲା। ସମିତିରେ କାର୍ଯ୍ୟରତ ସମସ୍ତଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସପ୍ତମ ବେତନ କମିସନ ମୁତାବକ ଦରମା ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବର୍ଦ୍ଧିତ ମହଙ୍ଗାଭତ୍ତା ପ୍ରଦାନ, ସହକାରୀ ସମ୍ପାଦକମାନଙ୍କୁ ସମ୍ପାଦକ ପଦବୀରେ ନିଯୁକ୍ତି ଏବଂ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମକୁ ସମିତି ମାଧ୍ୟମରେ କରାଯାଉଥିବାରୁ କର୍ମଚାରୀଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ପଦବୀରେ ଅବସ୍ଥାପିତ କରିବା ଆଦି ଦାବି କରାଯାଇଥିଲା । ସଂଘ ସଭାପତି ଶିବରାମ ମହାକୁଡଙ୍କ ନେତୃତ୍ୱରେ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିସରଭୁକ୍ତ ଆସିକା, କବିସୂର୍ଯ୍ୟନଗର, କୋଦଳା, ପୋଲସରା, ବୁଗୁଡା, ବେଲଗୁଣ୍ଠା, ଭଞ୍ଜନଗର, ସୋରଡା, ଶେରଗଡ, ପାଟପୁର ଆଦି ଅଞ୍ଚଳରେ ଥିବା ୧୯୧ଟି ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀ ଏହି ଧାରଣାରେ ସାମିଲ ଥିଲେ । କର୍ମଚାରୀମାନେ ଗତ ୧୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲା ବେଳେ ଦାବି ପୂରଣ ହେବା ଯାଏଁ ଏହା ଚାଲୁ ରହିବ ବୋଲି କୁହାଯାଇଛି।

# କରୋନା ଯୋଦ୍ଧାଙ୍କୁ ସମ୍ମାନିତ କଲେ ଜିଲାପାଳ

ପାରଳାଖେମୁଣ୍ଡି,୨୨।୧୧(ଡି.ଏନ୍.ଏ.)

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ରବିବାର ଡ. ନବୀନ ବଡ଼ନାୟକ ଫାଉଣ୍ଡେଶନ ଓ ସଉରା ବାପଟିଷ୍ଟ ସମ୍ମିଳନୀର ବେତିନି ବଙ୍ଗଳାରେ ଯୋଗଦେଇ କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ମାନିତ କରିଛନ୍ତି। କୋଭିଡ୍ ଯୋଦ୍ଧା ଭାବେ ପୋଲିସ କର୍ମୀ, ଆଶା କର୍ମୀ, ମେଡିକାଲ କର୍ମୀ ଓ ସମ୍ମିଳନୀର କର୍ମୀଙ୍କୁ ଉପଢୌକନ ଦିଆଯାଇଥିଲା। ଏହାପରେ ସମ୍ମିଳନୀର କର୍ମକର୍ତ୍ତା ଚାଳକ, ଡିକନ, ପାଷ୍ଟର ଓ ବଡନାୟକ ଫାଉଣ୍ଡେଶନ ମୁଖ୍ୟ କର୍ମଚାରୀଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। ସମ୍ମିଳନୀ କକ୍ଷଗୃହରେ ଟିକାକରଣ କ୍ୟାମ୍ପ କରାଯାଇଥିଲା। ଡିକନ, ପରିଚାଳକ ଓ ଅନେକ କର୍ମଚାରୀ ଦ୍ୱିତୀୟ ଡୋଜ ଟିକା ନେଇଥିଲେ। ସେହିପରି ବାରୁସିଂ ଓ ସେରଙ୍ଗ ଅଞ୍ଚଳରେ ୧୧୦ଜଣ ଟିକା ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳ, ପିଏଆଇଟିଡିଏ ସରୋଜ କୁମାର ବେହେରା, ତହସିଲଦାର ଭାସ୍କର ଚନ୍ଦ୍ର ସାହୁ, ବିଡିଓ ଅନୁପ ଅଭିଷେକ ବେହେରା, ସମ୍ମିଳନୀ ସଭାପତି ମୋହିପାଳ କାର୍ଜି, ଏଲିଆଜର ମଣ୍ଡଳ, କୋଷାଧକ୍ଷ ପୂର୍ଣ୍ଣ ଚନ୍ଦ୍ର ମଣ୍ଡଳ, ମନୋଜ ବଡ଼ନାୟକ, ଡ ପୋଲବ କୁମାର ଲିମ୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ମାଛ ଜାଲରୁ ୮ ଫୁଟର ଅଜଗର ଉଦ୍ଧାର

ଦିଗପହଣ୍ଡି/ଟିକିଟି, ୨୨।୧୧(ଡି.ଏନ.ଏ.)

ଦିଗପହଣ୍ଡି ବନାଞ୍ଚଳ ଅଧୀନ ନୂଆପଡ଼ା ଫରେଷ୍ଟ ବିଟ ଚାନ୍ଦପୁର ଗ୍ରାମର ଏକ ପୋଖରୀରୁ ମାଛ ଜାଲରୁ ୮ଫୁଟ ଲମ୍ବର ଏକ ଅଜଗର ସୋମବାର ଉଦ୍ଧାର କରାଯାଇଛି। ଉକ୍ତ ଗ୍ରାମର ଧିବରମାନେ ରବିବାର ରାତିରେ ମାଛ ଧରିବା ପାଇଁ ଗ୍ରାମ ପୋଖରୀରେ ଜାଲ ବିଛାଇଥିଲେ। ସକାଳୁ ଜାଲକୁ ଟାଣିବା ସମୟରେ ସେଥିରେ ଏକ ବଡ଼ ସାପ ଫସିଥିବା ଦେଖି ଦିଗପହଣ୍ଡି ବନାଞ୍ଚଳ କାର୍ଯ୍ୟାଳୟକୁ ଜଣାଇଥିଲେ। ବନାଞ୍ଚଳ ଡେପୁଟି ରେଞ୍ଜର କାହ୍ନୁଚରଣ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବନପାଳ ସନ୍ତୋଷ ମଲ୍ଲିକ, ତରୁଣେଶ୍ୱର ଶବର, ପାରା ବନ କର୍ମଚାରୀ ସଂଗ୍ରାମ ସିଂ , ସାଗର ପ୍ରଧାନ , କେ . ଜୟରାମ , ରଘୁନାଥ ସାହୁ ପହଞ୍ଚି ଜାଲରୁ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଗାଇ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଦେଇଥିଲେ।



ଉଦ୍ଧାର ସାପ।

# ମିଡ୍ ସେମିଷ୍ଟର ପରୀକ୍ଷା ନ ଦେଇ ଫେଲ୍

## ବଦଳି ଯାଇଛି ପରୀକ୍ଷା ନିୟମ

ଭଞ୍ଜନଗର,୨୨।୧୧(ଡି.ଏନ.ଏ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ ମିଡ୍ ସେମିଷ୍ଟାର ପରୀକ୍ଷା ନିୟମ ବଦଳିଯାଇଛି। ତେଣୁ ଗତ ମିଡ୍ ସେମିଷ୍ଟାର ପରୀକ୍ଷା ଦେଇ ନ ଥିବା ଅନେକ ଛାତ୍ରୀଛାତ୍ର ଫେଲ୍ ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ମିଡ୍ ସେମିଷ୍ଟାର ପରୀକ୍ଷା ଦେଉ ନ ଥିବା ଛାତ୍ରୀଛାତ୍ର କେବଳ ଏଣ୍ଡ ସେମିଷ୍ଟାର ପରୀକ୍ଷାରେ ୪୦ ପ୍ରତିଶତ ମାର୍କ ରଖିଲେ ପାଶ୍ ହୋଇ ଯାଉଥିଲେ। ବର୍ତ୍ତମାନ ଏହି ନିୟମ ବଦଳିଥିବା ସମ୍ପର୍କରେ ଅନେକ ଛାତ୍ରୀଛାତ୍ର ଜାଣି ନଥିବା ଯୋଗୁ ୩ ତୃତୀୟ ସେମିଷ୍ଟାରରେ ଫେଲ ହୋଇଛନ୍ତି । ସେମାନଙ୍କୁ ଆଗାମୀ ପରୀକ୍ଷାରେ ମିଡ୍ ସେମିଷ୍ଟାର ପରୀକ୍ଷା ଦେବାକୁ ସୁଯୋଗ ଦିଆଯିବ। ଏଣିକି ମିଡ୍ ଏବଂ ଏଣ୍ଡ ସେମିଷ୍ଟାର ଉଭୟ ପରୀକ୍ଷାରେ ପାଶ୍ ମାର୍କ ରଖିଲେ ଉତ୍ତୀର୍ଣ୍ଣ ହୋଇପାରିବ। ଯେଉଁ ଛାତ୍ରୀଛାତ୍ର ଯୁକ୍ତ ୩ ଦ୍ୱିତୀୟ ଏବଂ ଶେଷ ବର୍ଷ ପାଠ ପଢୁଛନ୍ତି, ସେମାନଙ୍କର ବର୍ତ୍ତମାନ ଦ୍ୱିତୀୟ ଏବଂ ଚତୁର୍ଥ ମିଡ୍ ସେମିଷ୍ଟାର ପରୀକ୍ଷା ହେବ । ଉକ୍ତ ମାର୍କ ଏବଂ ପ୍ରଥମ ଓ ତୃତୀୟ ଏଣ୍ଡ ସେମିଷ୍ଟାର ମାର୍କକୁ ଦେଖି ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶିତ ହେବ। କରୋନା ପାଇଁ ବିଭିନ୍ନ ପରୀକ୍ଷା ବିଳମ୍ବ ହେବା ଯୋଗୁ କେବଳ ଉକ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଦ୍ୱିତୀୟ ଏବଂ ଚତୁର୍ଥ ଏଣ୍ଡ ସେମିଷ୍ଟାର ନ କରିବା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେଣୁ ମିଡ୍ ସେମିଷ୍ଟାର ପରୀକ୍ଷା ପରିଚାଳନା ଉପରେ ସୋମବାର ଏକ ବୈଠକ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ହୋଇଥିଲା। ଏଥିରେ ଅଧକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ ଅଧକ୍ଷତା କରି ପରୀକ୍ଷା ପରିଚାଳନା ଏବଂ ଶିକ୍ଷାଦାନ ଉପରେ କହିଥିଲେ । ଅପରପକ୍ଷେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବର୍ତ୍ତମାନ ନିୟମିତ କର୍ମଚାରୀମାନଙ୍କ ସର୍ଭିସ ବୁକ୍ (ସେବା ପୁସ୍ତିକା) ଏଚ୍‌ଆରଏମ୍‌ଏସ୍ ସଫ୍ଟୱେରରେ ଲୋଡ୍ କରାଯାଉଛି । ୩୦ ତାରିଖ ସୁଦ୍ଧା ଉକ୍ତ କାର୍ଯ୍ୟ ସାରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଅବହେଳା କଲେ ସମ୍ପୃକ୍ତ ଅନୁଷ୍ଠାନର କର୍ମଚାରୀମାନଙ୍କ ଦରମା ବନ୍ଦ କରି ଦିଆଯିବ । ତେଣୁ ଉକ୍ତ କାର୍ଯ୍ୟ କିଭଳି ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବ ସେଥିପାଇଁ କଲେଜ ଗୁଡ଼ିକ ପଦକ୍ଷେପ ନେଇଛନ୍ତି ।

## ଜମି ରେଜିଷ୍ଟ୍ରେଶନରେ ଚଞ୍ଚକତା ଅଭିଯୋଗ

ଗୋପାଳପୁର,୨୨।୧୧(ଡି.ଏନ.ଏ.)

ଚଞ୍ଚକତା କରି ବର୍ଷାଧାରା ଜମିକୁ ରେଜିଷ୍ଟ୍ରେଶନ କରୁଥିବା ନେଇ ୫୩ନଂ ଜିଲା ପରିଷଦ ସଭ୍ୟଙ୍କ ନାମରେ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଗୋଳନ୍ଥରା ଥାନା ନୂଆସାହିର ସନ୍ତୋଷ କୁମାର ପ୍ରଧାନ ୨୦୧୦ ଜାନୁୟାରୀ ୧୧ରେ ଗୋଳନ୍ଥରା ମୌଜା ଖାତା ନଂ. ୭୭୮, ପ୍ଲଟ ନଂ. ୧୯୧୩ ରକବା ୦.୬୫୦ ଡେସିମିଲ ବର୍ଷାଧାର ଜମିକୁ ଦୁର୍ଗାମାଧବ ପାଢ଼ୀଙ୍କଠାରୁ କ୍ରୟ କରିଥିଲେ। ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ସନ୍ତୋଷ ଉକ୍ତ ଜମିର ପଟ୍ଟା କରିପାରି ନ ଥିଲେ। ଗତ ଦୁଇବର୍ଷ ତଳେ ଦୁର୍ଗାମାଧବଙ୍କ ମୃତ୍ୟୁ ଘଟିଥିଲା। କେତେକ ଖଳ ପ୍ରକୃତିର ବ୍ୟକ୍ତି ଚଞ୍ଚକତା କରି ଗତ ୧୮ରେ ଦୁର୍ଗାମାଧବଙ୍କ ଉତ୍ତରାଧିକାରୀ ଥିବା ୪ ଝିଅ ଉକ୍ତ ଜମିକୁ ୫୩ନଂ ଜିଲା ପରିଷଦ ସଭ୍ୟ ବିନୋଦ ମିଶ୍ରଙ୍କୁ ବିକ୍ରୟ ଦଲିଲ ନଂ ୧୮୯୨୧୦୪୦୧୫/୨୦୨୧ ପ୍ରକାରେ କନିଷ୍ଠ ସବରେଜିଷ୍ଟ୍ରେଶନ କାର୍ଯ୍ୟାଳୟରେ ରେଜିଷ୍ଟ୍ରେଶନ ହେଉଥିବା ବେଳେ ସନ୍ତୋଷ ପ୍ରଧାନ ପହଞ୍ଚି ଉକ୍ତ ଜମି ମୋର, ରେଜିଷ୍ଟ୍ରେଶନ ନ କରିବା ପାଇଁ ଅନୁରୋଧ କରିଥିଲେ। ଜିଲା ପରିଷଦ ସଭ୍ୟ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ତାଙ୍କ ଚକ୍ରାନ୍ତରେ ଏହି କ୍ରୟ ହୋଇଥିବା ଏବଂ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ନେଇ ସନ୍ତୋଷ ଅଭିଯୋଗ କରିଛନ୍ତି। ଏ ନେଇ ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ଆସିଛି, ତଦନ୍ତ ଚାଲୁ ରହିଛି ବୋଲି କହିଥିଲେ। ଅନ୍ୟପଟେ କନିଷ୍ଠ ସବରେଜିଷ୍ଟ୍ରାର ପୁରୁଷୋତ୍ତମ ବେଣିଆଙ୍କୁ ପଚାରିବାରୁ ମୁଁ ବର୍ତ୍ତମାନ ବ୍ୟସ୍ତ ଅଛି, ଟିକେ ପରେ କହିବି ବୋଲି କହି ଫୋନ କାଟି ଦେଇଥିଲେ। ଜିଲା ପରିଷଦ ସଭ୍ୟ ବିନୋଦ ମିଶ୍ରଙ୍କ ସହ ଯୋଗାଯୋଗ ବେଳେ ଉକ୍ତ ଜମି କିଣାରେ କୌଣସି ପ୍ରକାର ଚଞ୍ଚକତା ହୋଇନାହିଁ। ଆଇନ ଅନୁସାରେ ଏହା କରାଯାଇଛି ବୋଲି ପ୍ରକାଶ କରିଥିଲେ।

# ସ୍ମାର୍ଟ ହେଲ୍‌ଥ କାର୍ଡ ବାଣ୍ଟିଲେ ମନ୍ତ୍ରୀ, ବିଧାୟକ

ଦାରିଙ୍ଗବାଡି/ରାଇକିଆ/ ଜି.ଉଦୟଗିରି, ୨୨।୧୧(ଡି.ଏନ.ଏ)



ରାଇକିଆରେ ବିଧାୟକ ହେଲ୍‌ଥ କାର୍ଡ ବଣ୍ଟୁଛନ୍ତି।



ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କନ୍ଧମାଳ ଜିଲା ଗସ୍ତରେ ଆସି ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ଶସକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପହଞ୍ଚି ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ। ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସିମନବାଡ଼ି ପ୍ରଧାନ ଶିକ୍ଷକ ବିଦେଶୀ ନାୟକଙ୍କ ସଭାରେ ସଂଯୋଜନା କରିଥିଲେ। ଦାରିଙ୍ଗବାଡ଼ି ସମେତ ଗ୍ରୀନବାଡ଼ିର ଲାଇନପଡ଼ା ସଭାଗୃହ, ଫ୍ଲିହେରୀ, ଶ୍ରୀନିକେତା, ସିମନବାଡ଼ି ଏବଂ କିରିକୁଟିଠାରେ ଏହି ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼କୁ ମନ୍ତ୍ରୀ ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ। ତହସିଲଦାର ଚାର୍ଲସ ନାୟକ ଏବଂ କନ୍ଧମାଳ ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧିମାନେ ଯୋଗଦେଇଥିଲେ। ମନ୍ତ୍ରୀଙ୍କ ଗସ୍ତକୁ ନେଇ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭାଜପା ଏବଂ କଂଗ୍ରେସର କର୍ମୀମାନଙ୍କୁ ପୋଲିସ ଏକ ହୋଟେଲରେରେ ଅଟକ ରଖିଥିଲା। ଏଥିପାଇଁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କଂଗ୍ରେସର ତିଆଡ଼ି ନାୟକ କହିଛନ୍ତି ଯେ ଏଭଳି ପୋଲିସ ଘରୁ ଉଠାଇନେବା ବନ୍ଦ କରାଯାଉ ନହେଲେ ଆଗାମି ଦିନରେ ଭୟାଭୟ ପରିସ୍ଥିତି ଉପୁଜିବା ପାଇଁ ସ୍ଥାନୀୟ ପ୍ରଶାସନ ଦାୟୀ ରହିବ। ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଦୁଇଥର ବିଧାୟକ ହୋଇସାରିଲେଣି ତେଣୁ ତାଙ୍କର ଦାରିଙ୍ଗବାଡ଼ିକୁ ବିକାଶ କରିବା ସହ ସ୍ମାର୍ଟକାର୍ଡ ବଣ୍ଟନକୁ ଗୁରୁତ୍ୱ ନଦେଇ ସେ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଭାଜପା ଏବଂ କଂଗ୍ରେସର ଅଟକ ଥିବା କର୍ମୀମାନେ ଦାବି କରିଛନ୍ତି।ସେହିପରି ଜି ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ଦ୍ୱାରା ରାଇକିଆ ବ୍ଲକ ବିଭିନ୍ନ ପଞ୍ଚାୟତର ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନ କରଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ମାନିନୀ ପ୍ରଧାନ, ବିଡିଓ ସ୍ମରଣୀକା ଗୁଲୋ, ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ଜୁଲିମା ବଳ ବେହେରା, ସରପଞ୍ଚ ପଞ୍ଚୁ ପ୍ରଧାନ ଯୋଗ ଦେଇଥିଲେ।ଏପିଓ କେଦାର ପଣ୍ଡା, ସହକାରୀ ଯନ୍ତ୍ରୀ ରମେଶ ଲେଙ୍କା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜି.ଉଦୟଗିରି ଏନ୍‌ଏସି ହାତୀଶାଳ ସ୍କୁଲଠାରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରାଯାଇଛି। ଜି.ଉଦୟଗିରି ଏନ୍‌ଏସି ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗଦେଇ ସ୍ମାର୍ଟ ହେଲଥ କାର୍ଡ଼ ବଣ୍ଟନ କରିଥିଲେ। ସଭାକୁ ପୂର୍ବତନ କାଉନସିଲର ସମୀର କୁମାର ପାଢ଼ୀ ପରିଚାଳନା କରିଥିବା ବେଳେ ବିଜେଡି ନଗର ସଭାପତି ଗୋପାଳ ମହାପାତ୍ର, ନଗର ମହିଳା ସଭାନେତ୍ରୀ ଭାନୁପ୍ରଭା ମିଶ୍ର, ସମ୍ପାଦକ ଅଶ୍ୱିନୀ କୁମାର ନାୟକ, ଉପସଭାପତି ଦେବନାଥ ଦଳବେହେରା, ବିଧାୟକ ପ୍ରତିନିଧି ରାଜା ପାତ୍ର, ବରିଷ୍ଠ ନେତା ଏମ.ଡି .ଆଲମସ, ସୁଶିଳ ପାଣିଗ୍ରାହୀ, ବ୍ରଜ ଖୁଣ୍ଟିଆ ସହିତ ଏନ୍‌ଏସି କର୍ମଚାରୀ ସତ୍ୟ ପ୍ରକାଶ ମହାପାତ୍ର, କମୁପାଣି ପାଣିଗ୍ରାହୀ, ଗଣେଶ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ବଳାତ୍କାର ମାମଲା, ବାଳସୁଧାର ଗୃହ ଗଲେ ନାବାଳକ

କାଶୀନଗର,୨୨।୧୧(ଡି.ଏନ.ଏ.)

କାଶୀନଗର ଥାନାରେ ଜଣେ ନାବାଳିକାଙ୍କୁ ଗତ ତିନିବର୍ଷ ତଳେ ଜଣେ ନାବାଳକଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ନାବାଳକଙ୍କ ନାଁରେ ନଂ. ୧୬/୧୯ରେ ମାମଲା ରୁଜୁ ହୋଇଥିଲା। ଉକ୍ତ ଅଭିଯୁକ୍ତ ତିନିବର୍ଷ ହେଲା ଫେରାର ଥିଲେ। ତାଙ୍କୁ ସୋମବାର କାଶୀନଗର ପୋଲିସ ଧରି ବାଳସୁଧାର ଗୃହକୁ ପଠାଇଛି।

